## ପୂଜା ଚାନ୍ଦା ଆଦାୟକୁ ନେଇ ୨ ଛାତ୍ରଙ୍କୁ ଆକ୍ରମଣ

ଭଦ୍ରକ,୨୯।୧(ସନାତନ ରାଉତ)

ଭଦ୍ରକ ଚରମ୍ପା କଲେଜରେ ସରସ୍ୱତୀ ପୂଜା ଚାନ୍ଦା ଆଦାୟକୁ ନେଇ ୨ ଜଣ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଧବାର +୨ ଦ୍ୱିତୀୟ ବର୍ଷର ଛାତ୍ର କୁଆଁସ ଗ୍ରାମର ଚିରନଜ୍ୟୋତି ସୁନାର ଓ ତାଙ୍କ ସାଙ୍ଗ ଧନେଶ୍ୱର ଓଝା କଲେଜ ପରିସରରେ ଠିଆ ହୋଇଥିବା ବେଳେ ଅନ୍ୟ କେତେକ ଛାତ୍ର ତାଙ୍କୁ ପୂଜା ଚାନ୍ଦା ଦେବାକୁ ବାଧ କରିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନେ ସଂଘବଦ୍ଧ ଭାବେ ଉଭୟଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଏବଂ ତାଙ୍କ ପକେଟ୍‌ରୁ ଟଙ୍କା ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଧାନକିଣାରେ ନିୟୋଜିତ ହେବେ ବାହାର ମିଲର

ଭଦ୍ରକ, ୨୯।୧(ସନାତନ ରାଉତ)

- କିଣାଗଲାଣି ୮ଲକ୍ଷ ୭୨ହଜାର ୩୬୧ କୁଇଣ୍ଟାଲ ଧାନ
- ୧୫ଦିନ ଟୋକନ ଅବଧି ବୃଦ୍ଧି ପାଇଁ ଜିଲାପାଳଙ୍କୁ କ୍ଷମତା ପ୍ରଦାନ

ସରକାରୀ ମଣ୍ଡିରେ ଧାନକିଣାରେ କଟ୍‌ନୀଛଟ୍‌ନୀକୁ ନେଇ ସମସ୍ୟା ଲାଗିରହିଛି। ଧାନ କିଣିବା ପାଇଁ ନିୟୋଜିତ ହୋଇଥିବା ଜିଲାର ୨୨ଟି ମିଲର ମଧ୍ୟରୁ ଅମାନିଆ ମିଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଣ୍ଡିରୁ ଧାନ କିଣିବାରେ ଅସହଯୋଗ କାରଣରୁ ଜେଏମ୍‌ବି, ୱାଇଜିପି ଏବଂ ଅଦିତି ରାଇସ୍ ମିଲକୁ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କାରଣଦର୍ଶାଅ ନୋଟିସ୍‌ର ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସମ୍ପୃକ୍ତ ୩ଟି ମିଲର୍‌ଙ୍କୁ ଧାନ କିଣିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପ୍ରଦାନ କରାଯାଇନାହିଁ। ଅପରପକ୍ଷେ ଧାନ କିଣିବା ପାଇଁ ବାହାର ମିଲର୍‌ଙ୍କୁ ନିୟୋଜିତ କରିବାକୁ ସରକାରଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି।

ଯାଜପୁର ଜିଲାର ଆଶୀର୍ବାଦ ରାଇସ ମିଲ୍ ସରକାରୀ ଦରରେ ଭଦ୍ରକ ଜିଲାରୁ ଧାନ କିଣିବା ପାଇଁ ସମ୍ପ୍ରତି ପ୍ରକାଶ କରିଛି। ପ୍ରକାଶଥାଉ କି, ମଣ୍ଡିରେ ଧାନ ବିକିବା ପାଇଁ କୌଣସି ପରିସ୍ଥିତିରେ ଟୋକନ ଲାପସ୍ ହେବ ନାହିଁ ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଛନ୍ତି। ଧାନକିଣା ପାଇଁ ଚାଷୀଙ୍କୁ ମିଳିଥିବା ଟୋକନ୍‌ର ଅବଧି ୩୦ଦିନ ମଧ୍ୟରେ ଅନିବାର୍ଯ୍ୟ କାରଣବଶତଃ ଧାନ ବିକ୍ରି କରି ନ ପାରିଲେ, ୧୫ଦିନର ଅବଧି ବୃଦ୍ଧି ପାଇଁ ଜିଲାପାଳଙ୍କୁ ସରକାରଙ୍କ ପକ୍ଷରୁ କ୍ଷମତା ପ୍ରଦାନ କରାଯାଇଛି। ଚାଷୀମାନେ କୌଣସି ପ୍ରକାର ବିଭ୍ରାନ୍ତିକର ସମ୍ବାଦ ବିଶ୍ୱାସକୁ ନିଅନ୍ତୁ ନାହିଁ। ଠିକ୍ ମାନର ଧାନ ପ୍ରସ୍ତୁତ କରି ମଣ୍ଡିରେ ବିକି ଅଧିକ ଲାଭବାନ ହେବା ପାଇଁ ସଚେତନ ହେବାକୁ ଜିଲାପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଅତ୍ୟନ୍ତ ଖରାପମାନର ଧାନକୁ ମଣ୍ଡିରୁ ଫେରାଇ ଦିଆଯିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ଏବଂ ଉପଯୁକ୍ତ ମାନର ଧାନକୁ ମଣ୍ଡିରୁ ନିୟମିତ ଉଠାଇବା ପାଇଁ ମିଲରମାନଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ କି, ଅଦ୍ୟାବଧି ୧୯, ୯୮୫ଜଣ ଚାଷୀଙ୍କଠାରୁ ସମୁଦାୟ ୮ଲକ୍ଷ ୭୨ହଜାର ୩୬୧ କୁଇଣ୍ଟାଲ ଧାନ କିଣାଯାଇଛି। ୧୩, ୪୧୮ ଜଣ କୃଷକ ସେମାନଙ୍କ ଧାନ ବିକ୍ରୟ ଅର୍ଥ ପାଇ ସାରିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ନାମ ପଞ୍ଜୀକରଣ କରାଯାଉଛି।

ବାସୁଦେବପୁର,୨୯।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଆର୍ଡ୍ଡୁ ପଞ୍ଚାୟତ ବାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଭଦ୍ରକ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାରେ ବିଡିଓ ତନ୍ମିତା କର, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ବାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଲେଙ୍କା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ ମତ ରଖିଥିଲେ। ଏହି ଶିବିରରେ ଅପରାହ୍ନ ୩.୩୦ ମିନିଟ୍ ସୁଦ୍ଧା ୧୩୨୪ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ୧୩୫ ଜଣ ଶିଶୁ, ୨୨୨ ଜଣ ମାନସିକ ଅନଗ୍ରସର, ୨୧୨ ଜଣ ମୁକ, ବଧିର, ୨୧୨ ଜଣ ଆଖି, କାନ ଓ ୧ ରୁ ୧୮ ବର୍ଷ ମଧ୍ୟରେ ୫୪୩ ଜଣ ଦିବ୍ୟାଙ୍ଗ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ବିଭିନ୍ନ ବିଭାଗର ଅଧିକାରୀ ଡାକ୍ତର, କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ନିତ୍ୟାନନ୍ଦ ବଳ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧନା ପର୍ବ

ଚାନ୍ଦବାଲି,୨୯।୧(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ଘଟପୁର ହାଇସ୍କୁଲ ପ୍ରାଙ୍ଗଣରେ ନିତ୍ୟାନନ୍ଦ ବଳ ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଖବରଦାତା ସୁବାସ ମହାନ୍ତି, ଗୋଲଖ ରାଉତ, ସିଆର୍‌ସିସି କୃଷ୍ଣଚନ୍ଦ୍ର ନାୟକ, ସାମାଜିକକର୍ମୀ ଗଜେନ୍ଦ୍ର ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ସର୍ବେଶ୍ୱର ବଳ, ମନ୍ଦରଧର ବଳ ଓ ପୂର୍ବତନ ଶିକ୍ଷକ ନିତ୍ୟାନନ୍ଦ ବଳଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କୁ ଘଟପୁର ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପ୍ରଥମରୁ ଦଶମ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନିତ୍ୟାନନ୍ଦ ବଳ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ ସହ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ମେଧାବୀ ଛାତ୍ରୀ ପ୍ରଜ୍ଞା ପରମିତା ପଣ୍ଡାଙ୍କୁ ମାନପତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭୁଦତ୍ତ ବଳ, ପ୍ରତାପ ରାୟ, ଶିକ୍ଷକ ଅଚିନ୍ତ ରାଉତ, ଜୟନ୍ତ ମହାନ୍ତି, ଗୟାଧର ବଳ, ପ୍ରଶାନ୍ତ ମାଝୀ, ପ୍ରଶାନ୍ତ ଦାସ, ଶିକ୍ଷୟିତ୍ରୀ କଳ୍ପନା ନାୟକ ସନ୍ତୋଷିନୀ ବିଶ୍ୱାଳ, କମିଟି ସଦସ୍ୟ ହଳଧର ଦାସ, ରମେଶ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କୁ ସମ୍ମାନୀତ କରାଯାଉଛି।

# ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ




ତାଲିମପ୍ରାପ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ଧାମନଗର,୨୯।୧(ଦେବେନ୍ଦ୍ର ଆଦିଆ)

ଧାମନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷର +୨ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଚାଲିଥିବା 'ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ସମୀର କୁମାର ହୁଇ, ମୁଖ୍ୟବକ୍ତା ପ୍ରଦୀପ କୁମାର ରାୟ, ଅନ୍ୟତମ ଅତିଥି ସଞ୍ଜୟ କୁମାର ପଣ୍ଡା ଓ ଅଧ୍ୟାପିକା ସ୍ମରଣୀକା ପ୍ରଧାନ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷିକା ପ୍ରଭାସିନୀ ପଣ୍ଡା, ଲୋପାମୁଦ୍ରା ରାଉତ ଓ କବିତାରାଣୀ ବେହେରା ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ବିଶ୍ୱଜିତା ବାରିକ ଓ ଅମିତା ଦାସ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ବାସୁବିକା ଦାସ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ତାଲିମ ପ୍ରାପ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଦେଇଥିଲେ।

## ପୋଲିସ ଚାର୍ଜଶିଟ୍ ନ ଦେବାରୁ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ଭଦ୍ରକ,୨୯।୧(ସନାତନ ରାଉତ)

ଜଘନ୍ୟ ଅପରାଧରେ ନିଜେ ପୋଲିସ ଗିରଫ କରି ଜେଲ ପଠାଇଥିବା ଅଭିଯୁକ୍ତଙ୍କ ବିରୋଧରେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ନ ଦେବାରୁ ଅଭିଯୁକ୍ତଙ୍କୁ କୋର୍ଟ ବାଧ ହୋଇ ଜାମିନରେ ଛାଡ଼ିଛି। ଏଭଳି ଘଟଣା ଘଟିଛି ଭଦ୍ରକରେ। ପୋଲିସର ଅନଭିଜ୍ଞତା ହେଉ କି ଭୁଲ୍ ପାଇଁ ଅନେକ ଅପରାଧୀମାନେ ଏମିତି ଅନେକ ସମୟରେ ଜେଲରୁ ମୁକୁଳି ଯାଇଥାନ୍ତି।

ବିବରଣୀ ମୁତାବକ ଗତ ୨୦୨୪ ଅଗଷ୍ଟ ୧ ତାରିଖ ରାତିରେ ଭଦ୍ରକ ଆରଡ଼ିଛକସ୍ଥିତ ଏକ ଭଡ଼ାଘରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ନିଜର ନାବାଳିକା କନ୍ୟା ଶୋଇଥିବା ବେଳେ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବନ୍ଧୁକ ଦେଖାଇ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ତାଙ୍କ ସ୍ତ୍ରୀ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏନେଇ ମାମଲା(ନଂ. ୪୮୮/୨୪) ରୁଜୁ ହୋଇଥିଲା। ନାବାଳିକା ଯୌନ ନିର୍ଯାତନା ନିରୋଧ ଆଇନର ଦଫା ୧୨ ସହ ଆର୍ମସ୍ ଆକ୍ଟର ଦଫା ୨୫/୨୬ ରେ ଅଭିଯୁକ୍ତ ବାପାଙ୍କୁ ପୋଲିସ ଗତ ଅଗଷ୍ଟ ୨ ତାରିଖରେ ଗିରଫ କରି କୋର୍ଟ ପଠାଇଥିଲା। ନିୟମ ମୁତାବକ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ୬୦ଦିନ ମଧ୍ୟରେ ଚାର୍ଜସିଟ୍ କୋର୍ଟକୁ ପଠାଇବାର ଥିଲା। ପୋଲିସ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ନ ଦେବାରୁ ଭଦ୍ରକ ପୋକ୍‌ସୋ କୋର୍ଟ ମଙ୍ଗଳବାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବାକୁ ବାଧ ହୋଇଥିଲେ। ତେବେ ପୋଲିସ ନାବାଳିକା କନ୍ୟା ଯୌନ ନିର୍ଯାତନା ମାମଲାକୁ ହାଲ୍‌କା ଭାବେ ନେବା ଚିନ୍ତାର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଶୁକଦେବୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

ଧାମନଗର,୨୯।୧(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ଦେହୁଡି ଆନନ୍ଦପୁରସ୍ଥିତ ଶୁକଦେବୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ବୁଧବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇପିଇ ମାନସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଅନ୍ୟତମ ଅତିଥି ଆଇପିଇ ରାଜେନ୍ଦ୍ର କୁମାର ନାୟକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝୀ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ପୂର୍ବତନ ପ୍ରଧାନଶିକ୍ଷକ ଦୁଷ୍ମନ୍ତ ତ୍ରିପାଠୀ , ଦୈତାରି ଦାଶ, ଦଧିବାବନ ମିଶ୍ର, ବୃନ୍ଦାବନ ମହାନ୍ତି, ଅରୁଣ ପରିଡ଼ା, ସୁଧାକର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ଶିକ୍ଷା ଗ୍ରହଣ ସହ ଶାରୀରିକ ଓ ମାନସିକ ବିକାଶ ହେବା ଦରକାର ବୋଲି କହିଥିଲେ। ନାରାୟଣ ଦାଶ ଅତିଥି ପରିଚୟ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ଖେଳରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଆଦିକନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିକ୍ଷକ ନିର୍ମଳ ଚନ୍ଦ୍ର ରାଉତ, ବିମଳ କୁମାର ଥାଟେଇ, ରୀତାଞ୍ଜଳି ଆଚାର୍ଯ୍ୟ, ଭାରତୀ ଦାସ, ଅନିତା ମହାନ୍ତି, ରବୀନ୍ଦ୍ର ଖୁଣ୍ଟିଆ, ବେଳାବତୀ ଦାଶ, ବାସନ୍ତିଲତା ବାରିକ,ପଦ୍ମଲୋଚନ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ଯୁବକଙ୍କୁ କୋର୍ଟରେ ହାଜର ପାଇଁ ସମନ

ତିହିଡି,୨୯।୧(ସଞ୍ଜିତ ବଳ)

**ସମିତିସଭ୍ୟାଙ୍କ ସ୍ୱାମୀଙ୍କ ନାଁରେ ମିଥ୍ୟା ବିବୃତି ପ୍ରସଙ୍ଗ**

ଭଦ୍ରକ ଜିଲା ତିହିଡି ବ୍ଲକ୍ ଦୌଲତପୁର ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ତଥା ଆଇନଜୀବୀ ଗୋପବନ୍ଧୁ ସେନାପତିଙ୍କ ନାଁରେ ମିଥ୍ୟା ବିବୃତ୍ତି ଦେବା ଘଟଣାରେ ଗୋପବନ୍ଧୁ ଭଦ୍ରକ ଏସଡ଼ିଜେଏମଙ୍କ କୋର୍ଟରେ ଜଣେ ଯୁବକଙ୍କ ନାମରେ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ପକ୍ଷରୁ ସେହି ଯୁବକଙ୍କୁ ହାଜର ପାଇଁ ସମନ ଜାରି ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ପୀରହାଟ ଥାନା ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଗ୍ରାମର ସୁବାସ ଦାସ ନାମକ ଯୁବକ ଗୋପବନ୍ଧୁ ବିଷାକ୍ତ ମଦ ବଣ୍ଟନ କରିଥିବା ନେଇ ବିବୃତ୍ତି ଦେଇଥିଲେ। ଏହି ବିବୃତ୍ତିକୁ ଗୋପବନ୍ଧୁ ମିଥ୍ୟା ଦର୍ଶାଇ ଭଦ୍ରକ ଏସ୍‌ଡିଜେଏମଙ୍କ କୋର୍ଟରେ ଏକ ମାନହାନୀ ମାମଲା (ନଂ ଆଇସିସି ୨୮୮/୨୪) ରୁଜୁ କରିଥିଲେ। କୋର୍ଟ ଗୋପବନ୍ଧୁଙ୍କ ଆବେଦନକୁ ବିଚାରକୁ ନେଇ ଅପରପକ୍ଷ ସୁବାସଙ୍କୁ ଆସନ୍ତା ୨୬ ତାରିଖରେ ହାଜର ହେବା ପାଇଁ ସମନ ଜାରି କରିଛନ୍ତି। ଗୋପବନ୍ଧୁ ଦର୍ଶାଇଛନ୍ତି ଯେ, ସୁବାସ କିଛିଦିନ ତଳେ ତାଙ୍କ ନାରେ ବୈଦ୍ୟୁତିକ ଗଣମାଧ୍ୟମରେ ମିଥ୍ୟା ବିବୃତ୍ତି ଦେଇ ତାଙ୍କୁ ବଦନାମ କରିବା ସହିତ ସମ୍ମାନହାନୀ କରିବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ଗୋପବନ୍ଧୁ ମାନସିକ ଭାବେ ଆଘାତପ୍ରାପ୍ତ ହୋଇଥିଲେ। ଏ ସମ୍ପର୍କରେ ଗୋପବନ୍ଧୁ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ କେଶ ଡାଏରୀ କରି ଚୁପ୍ ରହିଥିଲା। ନିରୁପାୟ ହୋଇ ଗୋପବନ୍ଧୁ କୋର୍ଟର ଦ୍ୱାରସ୍ଥ ହୋଇ ସୁବାସଙ୍କ ନାମରେ ୧୦ ଲକ୍ଷ ଟଙ୍କାର ମାନହାନୀ ମକଦ୍ଦମା କରିଥିଲେ।

## ଡଗରପଡ଼ା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ



ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭଣ୍ଡାରିପୋଖରୀ,୨୯।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବକ ନୁଗୁଆଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡଗରପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ପଦ୍ମନାଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ସାମାଜିକ କର୍ମୀ ତଥା ରୋଟାରିଆନ ଅଜିତ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀଧର ମହାରଣା, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ପୁରୁଷୋତ୍ତମ ଧଳ, ରବୀନ୍ଦ୍ର କୁମାର ନନ୍ଦ, ଶରତ ଚନ୍ଦ୍ର କୁଣ୍ଡୁ, ମାଧବ ଚନ୍ଦ୍ର ବିଶ୍ୱାଳ, କାଞ୍ଚନବାଳା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅରୁଣ କୁମାର ବେହୁରିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରେଶ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାମାଜିକକର୍ମୀ ରବୀନ୍ଦ୍ର କୁମାର ସାହୁ, ଜଗନ୍ନାଥ ସେଠୀ ଓ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଇପ୍ସିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ଉତ୍ସବକୁ ଶିକ୍ଷକ ନିରଞ୍ଜନ ସେନାପତି, ପ୍ରଣତୀ ନାୟକ, ଅନୁପମା ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ଭଣ୍ଡାରିପୋଖରୀ,୨୯।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ବୁଧବାର ପୂର୍ବାହ୍ନ ୧୦ଟାରେ ସଳ୍ପକାଳୀନ ଓ ଦୀର୍ଘ ମିଆଦି ପ୍ରଶିକ୍ଷଣ ତଥା ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧ୍ୟକ୍ଷା ସୁମତୀ ସେଠୀ ଉଦଘାଟନ କରିଥିଲେ। ବିଡିଓ ଦେବଦତ୍ତ ଦାଶ, ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ସୁବ୍ରତ କୁମାର ପଣ୍ଡା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ଜେନାଙ୍କ ସମେତ ଜିଲା କର୍ମ ନିୟୋଜନ ଅଧିକାରୀ ଯୋଗଦେଇ ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କ ନିଯୁକ୍ତି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଆତ୍ମନିର୍ଭରଶୀଳ ପାଇଁ ସୂଚନା ପ୍ରଦାନ କରିଥିଲେ। ମୋଟ ୧୫ଟି ନିଯୁକ୍ତି ଭିତ୍ତିକ ଘରୋଇ ସଂସ୍ଥାର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। ଶିବିରରେ ୧୩୬ ଜଣ ଯୁବତୀ ଯୁବକଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି। ଆୟୋଜିତ ଶିବିରକୁ ଅଶୋକ କୁମାର ରାଉତ, ନରେନ୍ଦ୍ର କୁମାର ରାଉତ, ବନିତା ଦଳେଇ, କାଞ୍ଚନବାଳା ମଲିକ, ସୀମାରାଣୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## କବିତା ପାଠୋତ୍ସବ,ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ,୨୯।୧(ରବିନାରାୟଣ ଖିଲାର)

ଭଦ୍ରକ ଟାଉନ ହଲ୍‌ଠାରେ କ୍ରାନ୍ତିଧାରା ପକ୍ଷରୁ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ଇଂ.ଅଭୟ ସୁତାର ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ପ୍ରିୟଦର୍ଶନ ବୋଇତି, ସଂସ୍କୃତି ପ୍ରେମୀ ନଗେନ୍ଦ୍ର ଦାସ, ସମବାୟବିତ କଳାକାର କ୍ୟାପଟେନ ଓମକାର, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ସମ୍ପାଦକ ଅଞ୍ଜନା ମିଶ୍ର, ଉପଦେଷ୍ଟା ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଭୂମିକନ୍ୟା ମହିଳା ସଂଗଠନ ସଭାପତି ସଂଯୁକ୍ତା ବଳ ନାୟକ, ସମ୍ପାଦକ ଲେଖିକା ଦମୟନ୍ତୀ ରାଉତ, କଳା ନିର୍ଦ୍ଦେଶକ ନିରଞ୍ଜନ ନାୟକ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, କବୟିତ୍ରୀ ସୁଶ୍ରୀ ସଂଗୀତା ସାହୁ ମହାନ୍ତି, ସେବିକା ସୁକାନ୍ତି ବାରିକ ଓ ମାନସୀ କୁଅଁର, ଶିଶୁ ନୃତ୍ୟଶିଳ୍ପୀ ଜାଗୃତି ମଲ୍ଲିକ, ଶିବାଙ୍ଗି ଭୋଇ, କଳାକାର ସନ୍ତୋଷ କୁମାର କର, ପାଲାଗାୟକ ରାଜେନ୍ଦ୍ର ବଳ, ନାରାୟଣ ସେବା ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବଳ ଓ ସୁମତୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବ୍ଲକ୍ ଅଧ୍ୟକ୍ଷା,ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ

ତିହିଡି, ୨୯।୧(ସଞ୍ଜିତ ବଳ)

ଓଡ଼ିଶା ଜୀବିକା ମିଶନ କର୍ମକର୍ତ୍ତା ପୁନର୍ଗଠନ ପାଇଁ ମିଶନ ଶକ୍ତି ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ବାତିଲ ଦାବି କରାଯାଇଛି। ଏନେଇ ବୁଧବାର ମଧ୍ୟାହ୍ନ ୧୨ଟାରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟନିର୍ବାହୀ କମିଟି (ଇସି) ତିହିଡି ବ୍ଲକ୍ ସଂଘ ପକ୍ଷରୁ ବ୍ଲକ୍ ଅଧ୍ୟକ୍ଷା ଓ ଏବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ଜିପିଏଲଏଫ, ବିଏଲଏଫ, ଡିଏଲଏଫ ସ୍ତରରେ ଇସିମାନଙ୍କୁ ବାହାର କରାଯାଇ ନୂତନ ଇସି ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମିଶନ ଶକ୍ତି ପକ୍ଷରୁ ସ୍କୁଟି ଋଣ ଯୋଜନାରେ ଇସିଙ୍କୁ ଋଣ ଯୋଗାଇ ଦିଆଯାଇଛି। ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ୪୮ଟି କିସ୍ତି ମଧ୍ୟରୁ ମାତ୍ର ୧୧ଟି କିସ୍ତି ଶୁଝିଛନ୍ତି। ସେମାନଙ୍କୁ ଇସିରୁ ବାହାର କରାଗଲେ ଅବଶିଷ୍ଟ କିସ୍ତି ସେମାନେ କିପରି ପ୍ରଦାନ କରିବେ ସେନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏନେଇ ସେମାନେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ଏବିଡ଼ିଓ ମାନସ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ମିଶନ ଶକ୍ତିର ନିର୍ଦ୍ଦେଶ ବାତିଲ କରିବାକୁ ଦାବି କରିଛନ୍ତି। ବ୍ଲକ୍ ସଂଘ ସମ୍ପାଦିକା କଲ୍ୟାଣୀ ଦାସ, ଉପ ସଭାପତି ଅନସୂୟା ନାୟକ, ସହ ସମ୍ପାଦିକା ସ୍ନେହଲତା ସାହୁ, କୋଷାଧ୍ୟକ୍ଷା ଚୁନିଲତା କୁଅଁର, କାର୍ଯ୍ୟକର୍ତ୍ତା ମାମିନା କର, ନିରୁପମା ବେହେରା, ଅନ୍ନପୂର୍ଣ୍ଣା ଦାସ, ସ୍ୱର୍ଣ୍ଣଲତା ବେହେରା, ଶକୁନ୍ତଳା ଜେନା, ଅନ୍ନପୂର୍ଣ୍ଣା ମଲ୍ଲିକ, ବାସନ୍ତୀଲତା ଜେନା ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।



ଜୀବିକା ମିଶନ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜୀବିକା ମିଶନ କର୍ମକର୍ତ୍ତା ପୁନର୍ଗଠନ ନିର୍ଦ୍ଦେଶକୁ ବିରୋଧ**

## ପୋଖରୀରେ ବୁଡ଼ି ଡ୍ରାଇଭରଙ୍କ ମୃତ୍ୟୁ

ସୋର, ୨୯।୧ (ଜନ୍ମେଜୟ ମିଶ୍ର)

ସୋର ଥାନା ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ପୋଖରୀରେ ବୁଡ଼ି ବୁଧବାର ଜଣେ ଗାଡି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ବାରିପଦା ଅଞ୍ଚଳର ଅମର ସିଂ ଏହି ଗ୍ରାମର ଶିଶିର ଷଡ଼ଙ୍ଗୀଙ୍କ ପାଖରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଅମର ଟ୍ରାକ୍ଟର କାମ ସାରି ଘରକୁ ଫେରି ନିକଟସ୍ଥ ପୋଖରୀକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଶିଶିର ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଦେଖି ଅଗ୍ନିଶମ ବିଭାଗକୁ ଓ ସୋର ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୋର ଥାନାରେ ମାମଲା (ନଂ. ୧୧/୨୫) ରୁଜୁ ହୋଇଛି।

# ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ମିଳିବ ପ୍ରୋତ୍ସାହନ

■ ଏଣିକି ମେଡିକାଲ କଲେଜ, ହସ୍ପିଟାଲକୁ ମିଳିବ ନିରବଚ୍ଛିନ୍ନ ବିଜୁଳି
■ ସଂଯୋଗ ରହିବ ଓଭରହେଡ୍ ଓ ୟୁଜି କେବୁଲ୍

ବାଲେଶ୍ୱର, ୨୯।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆଣିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ଚିକିତ୍ସାଳୟ, ମେଡିକାଲ କଲେଜ, ପାନୀୟ ଜଳଯୋଗାଣ କେନ୍ଦ୍ର, ସରକାରୀ ଅଫିସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଏଣିକି ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକୁ ମିଳିବ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା। ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ବିଜୁଳି ସେବା ଯୋଗାଣ ପାଇଁ ବ୍ୟବସ୍ଥା ପ୍ରସ୍ତୁତ ହେଉଛି।


ମେଡିକାଲ୍ କଲେଜ ସବ୍‌ଷ୍ଟେଶନରେ ଟିପିଏନଓଡିଏଲ ଅଧିକାରୀଗଣ।

ଏହି କ୍ରମରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ପିଏମ୍ଆର ମେଡିକାଲ କଲେଜକୁ ଏଣିକି ଗୁଣାତ୍ମକ ବିଜୁଳିସେବା ମିଳିବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତସେବା ଯୋଗାଇବା ପାଇଁ ପିଏମ୍ଆର ମେଡିକାଲ୍ କଲେଜ ସବ୍‌ଷ୍ଟେଶନରେ ଏକ ରିଙ୍ଗ୍ ମେନ୍ ୟୁନିଟ୍ (ଆରଏମୟୁ) ସ୍ଥାପନ ସହିତ ଏକ ଉତ୍ସର୍ଗୀକୃତ ୩୩ କେଭି ଭୂତଳ (ୟୁଜି) କେବୁଲ୍ ସଂଯୋଗ କରାଯାଇଛି। ସେହିପରି ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ମଧ୍ୟ ଗୁଣାତ୍ମକ ବିଜୁଳିସେବା ସମାନ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଯାଜପୁର ମେଡିକାଲ କଲେଜ ଓ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବିଦ୍ୟୁତ ସଂଯୋଗ ପାଇଁ ସ୍ୱତନ୍ତ୍ର ଲାଇନ ପ୍ରସ୍ତୁତ କରାଯାଇଛି। କେନ୍ଦୁଝର ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ସମାନ ଢାଞ୍ଚାରେ ବିଦ୍ୟୁତ ଯୋଗାଇବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ମିଳିଛି। ଏହାଦ୍ୱାରା ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ଚିକିତ୍ସାଳୟଗୁଡ଼ିକୁ ବିଜୁଳିସେବା ଯୋଗାଣ ସୁନିଶ୍ଚିତ କରାଯାଇପାରିବ ଏବଂ ରୋଗୀ ସେବା ବ୍ୟାହତ ହେବ ନାହିଁ।

## ରାଇବଣିଆ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

ଜଳେଶ୍ୱର, ୨୯।୧ (ନବୀନ ସାହୁ)



ବାଲେଶ୍ୱର ଜିଲା ରାଇବଣିଆ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ବୁଧବାର ପାଳିତ ହୋଇଛି। ରାଇବଣିଆ ଥାନା ଅଧିକାରୀ ବାରୁଣୀ ଦାସଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଅଭିଯାନ ରାଇବଣିଆର ଓଲମରା ଥାନାରୁ ବାହାରି ଗୋପାଳ ପ୍ରସାଦ ଛକ, ରାଇବଣିଆ ଛକ, କବାଟଘାଟି ଛକ, ଶ୍ୟାମନଗର ଛକ, ଭୋଳ ଛକ, ବରଡ଼ିହା ଛକ, କଳମା ଛକ, ଚାଙ୍ଗୁ ଛକ ଓ ଭଦୁଆ ଛକ ଦେଇ ପହଞ୍ଚିଥିଲା। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାସହିତ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଆମେ ବାଇକ୍, କାର୍ ଧରି ବାହାରକୁ ବାହାରିଲେ ହେଲମେଟ ସହିତ ଗାଡ଼ିର ସିଟ୍ ବେଲ୍ଟ ଲଗାଇ ସାବଧାନତାର ସହିତ ଗାଡ଼ି ଚଳାଇବା ଏବଂ ସଡ଼କ ସୁରକ୍ଷା ନିୟମାବଳୀଗୁଡ଼ିକ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କହିଥିଲେ। ଏହା ଜାନୁଆରୀ ପହିଲାରୁ ଆରମ୍ଭ ହୋଇ ଏହା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସଡ଼କ ସୁରକ୍ଷା ଅଭିଯାନରେ ରାଇବଣିଆ ପୋଲିସ ତରଫରୁ ଏଏସ୍ଆଇ ରାମେଶ୍ୱର ସୋରେନ, ଏଏସ୍ଆଇ ବିକାଶ ବେହେରା, ଏଏସ୍ଆଇ ମେହବୁବ ଅଲ୍ଲୀ, କନଷ୍ଟେବଳ ରତ୍ନେଶ୍ୱର ମୁର୍ମୁ, କନଷ୍ଟେବଳ ସୁଶାନ୍ତ ପଣ୍ଡା, କନଷ୍ଟେବଳ ଦେବାଶିଷ ରାଉତ, ହୋମଗାର୍ଡ଼ ଶଶୀ ମହାପାତ୍ର ଓ ନିଖିଳ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## 'ଶିକ୍ଷକଙ୍କ ସହ ସମ୍ପର୍କ ରଖିଥିବା ଛାତ୍ରୀଛାତ୍ର ଅଗ୍ରସର ହୁଅନ୍ତି'


ଅତିଥିମାନଙ୍କ ଗହଣରେ ସମ୍ମାନିତ ଛାତ୍ରୀଛାତ୍ର।

ସିମୁଳିଆ, ୨୯।୧ (ସନ୍ତୋଷ ନାୟକ)

### ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାଟୀର ୨୭ତମ ବାର୍ଷିକ ଉତ୍ସବ

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଟୀର ୨୭ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃପାସିନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ଓଷ୍ଟା ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି କମଳାକାନ୍ତ ପତି ଯୋଗଦେଇ ଶିକ୍ଷକଙ୍କ ସହିତ ସମ୍ପର୍କ ରଖିଥିବା ଛାତ୍ରୀଛାତ୍ରମାନେ ଅଗ୍ରସର ହୁଅନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ବିଦ୍ୟାଳୟରୁ ଉତ୍ତମ ନାଗରିକ ସୃଷ୍ଟି ହୁଅନ୍ତି ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ବିଇଓ ପ୍ରକାଶ ଚନ୍ଦ୍ର ମହାଳିକ ଛାତ୍ର ଜୀବନରୁ ଲକ୍ଷ୍ୟ ସ୍ଥିର ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ହରପ୍ରିୟା ମଲିକ, ସମିତିସଭ୍ୟ କାଳନ୍ଦୀ ଚରଣ ନାୟକ, ନୋଡ଼ାଲ ଏମ୍‌ଇର ପ୍ରଧାନ ଶିକ୍ଷକ ସୁଧୀର କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଣିଭଦ୍ର ମଲିକ, ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ଓ ସିଦ୍ଧେଶ୍ୱରୀ ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ, ଶିକ୍ଷକ ସଞ୍ଜୟ କୁମାର ଧଳ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଶୈଳେନ୍ଦ୍ର ପୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଆପାଳ ଆଇଡିଏଲ୍ ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ

ବାଲିଆପାଳ, ୨୯।୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଇଡକୋ ଛକ ନିକଟରେ ଥିବା ଆଇଡିଏଲ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପିଲାମାନେ ଦେଶର ଭବିଷ୍ୟତ ସେମାନଙ୍କ ପ୍ରତି ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନବାନ ହେବା ସହିତ ସକାଳ ସୂର୍ଯ୍ୟାଲୋକରେ ପିଲାମାନଙ୍କୁ କିଛି ସମୟ ବସିବା ପାଇଁ ଉପଦେଶ ଦେଇଥିଲେ।

ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ବକ୍ତବ୍ୟରେ କହିଥିଲେ କେବଳ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କ ଭବିଷ୍ୟତ ଗଠନ କରିପାରିବେ ନାହିଁ, ପିତାମାତାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। ବିଦ୍ୟାଳୟ କମିଟି ସମ୍ପାଦକ ସନ୍ତୋଷ କୁମାର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଶିକ୍ଷକ ଅଶୋକ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସହ ସମ୍ପାଦକ ସଞ୍ଜୟ କୁମାର ଦେ, ବାଲିଆପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା କମିଟିର ସଦସ୍ୟ ମଧୁସୂଦନ ବାରିକ ଏବଂ ଅନନ୍ତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହିତ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ତନୁଶ୍ରିତା ରାଉତ, ଶିକ୍ଷକ ପ୍ରଦୀପ କୁମାର ଜେନା, ସରୋଜ କୁମାର କର, ଦୀପକ କୁମାର ଦାସ, ଦେବେନ୍ଦ୍ର କୁମାର ଗିରି, ରାଜୀବ କୁମାର ସେଠୀ, ଜିତାମିତ୍ର ମିଶ୍ର, ଭବାନୀ ପଣ୍ଡା, ଲିପୁନ ଜେନା, ଚନ୍ଦନା ଜେନା, ଶୁଭଶ୍ରୀ ସାହୁ, ଶ୍ରାବନ୍ତୀ ରଣା, ମଧୁସ୍ମିତା ରାଉତ, ସସ୍ମିତା ଦାସ, ଜ୍ୟୋତିପ୍ରଭା ସାମଲ, ଜ୍ୟୋତ୍ସ୍ନା ଗିରି, ନବନିତା ପାଢ଼ୀ, ଶକୁନ୍ତଳା ପଣ୍ଡା, ଉତ୍ତମ ବିଶ୍ୱାଳ, ଅନନ୍ତ ରଣା ସିଂ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି।

## ଅନୁଶାସନ ବିନା ପିଲାମାନେ ବିଶୃଙ୍ଖଳିତ ହୋଇପଡ଼ନ୍ତି

### ମହତୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଖଇରା, ୨୯।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି ଓ ସିମୁଳିଆ କଲେଜର ଅଧ୍ୟାପକ ଡ ଉମାକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କ ଜିଦ୍‌କୁ ସବୁ ସମୟରେ ପ୍ରଶ୍ରୟ ନ ଦେଇ ଅନୁଶାସନ ଭିତରେ ନ ରଖିଲେ ପିଲା କେବଳ ବିଶୃଙ୍ଖଳିତ ହେବ ନାହିଁ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସରପଞ୍ଚ ଆରତୀ ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ୱାର୍ଡସଭ୍ୟା ଟୁନି ରାଉତ, ସିଆରସିସି ଅଶୋକ କୁମାର ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ, ମଧୁହରି ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଗିରି ଅତିଥି ପରିଚୟ, ଉମାକାନ୍ତ ନାୟକ ଓ ନିରଞ୍ଜନ ନାୟକ ମଞ୍ଚ ଆହ୍ୱାନ, ସୁକାନ୍ତି ବିଶ୍ୱାଳ ବିବରଣୀ ପାଠ ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ମୟୂରଭଞ୍ଜ

## ଝୁମର ନୃତ୍ୟରେ ଝୁମିଲେ ଦର୍ଶକ

### ଶଙ୍କର ଶିବାନୀ ଯୁବ ପରିଷଦର ବାର୍ଷିକ କ୍ରୀଡ଼ା ଓ ମକର ମିଳନ ଉତ୍ସବ

ଖାରପୋଖରିଆ, ୨୯।୧ (ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଉମାଦେଇପୁର ପଞ୍ଚାୟତର କେନ୍ଦୁମୁଣ୍ଡି (ଝରଣ ସାହି)ଠାରେ ଥିବା ପୁରାତନ ଶଙ୍କର ଶିବାନୀ ଯୁବପରିଷଦ ଆନୁକୂଲ୍ୟରେ ଆୟୋଜିତ ୪୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ମକରମିଳନ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯୁବ ପରିଷଦଟିକୁ ପୂର୍ବତନ ବାଚସ୍ପତି ସ୍ୱର୍ଗତ ପ୍ରସନ୍ନ କୁମାର ଦାସ ୧୯୮୦ରେ ଗଠନ କରିଥିଲେ। ରବିବାର ଆରମ୍ଭ ହୋଇଥିବା ମକର ମିଳନ ଉତ୍ସବକୁ କେନ୍ଦୁମୁଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୀଳାବତୀ ମହାନ୍ତ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଆମ ଓଡ଼ିଶା ଆମ ବିକାଶର ରାଜ୍ୟ ସଭାପତି ଡ.ଦେବାଶିଷ ମାର୍ଣ୍ଡି, ଉମାଦେଇପୁର ସରପଞ୍ଚ ଦ୍ରୌପଦୀ ନାଏକଙ୍କ ସହିତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ଓ ବାଳିକାମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଯୁବ ପରିଷଦର ସଭାପତି ଲଳିତ ଲୋଚନ ମହାନ୍ତ ପ୍ରକାଶ କରିଛନ୍ତି। ୧୯ଟି ବିଭାଗରେ ଖେଳର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା ମୟୂରଭଞ୍ଜ ଓ ବେତନଟୀ ଅଞ୍ଚଳର ଦୀପକ ଝୁମର ମେଲୋଡି। ଝୁମର ଗୀତର ତାଳେ ତାଳେ ନାଚିଥିଲେ ଦର୍ଶକ। କ୍ରୀଡ଼ା ପ୍ରତିଯୋଗିତାକୁ ଯୁବ ପରିଷଦର ସଭାପତି ଲଳିତ ଲୋଚନ ମହାନ୍ତ, ସମ୍ପାଦକ ସୌମ୍ୟ ରଞ୍ଜନ ମହାନ୍ତ, ଅକ୍ଷୟ ମହାନ୍ତ, ଉଗ୍ରସେନ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଅଲେଖ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ରାଜୀବ କୁମାର ମହାନ୍ତ ବିଭିନ୍ନ କୌତୁକିଆ କଥା ମାଧ୍ୟମରେ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ।

## 'ମହିନ୍ଦ୍ରା' ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, ୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ପୋଷାହାତୀ 'ମହିନ୍ଦ୍ରା'ର ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ବାରିପଦାସ୍ଥିତ ରୋଟାରୀ ଭବନରେ ମଙ୍ଗଳବାର ଅପରାହ୍ଣ ୫ଟାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଗ୍ରାମ ପକ୍ଷରୁ ଆୟୋଜିତ ସ୍ମୃତି ସଭାରେ ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ମହିନ୍ଦ୍ରାର ଫଟୋଚିତ୍ରରେ ଧୂପ, ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବନଖଣ୍ଡ ଅଧିକାରୀ ଅରୁଣ ପାତ୍ର, ପୂର୍ବତନ ବନଖଣ୍ଡ ଅଧିକାରୀ ବଟକୃଷ୍ଣ ପାଢୀ, ଅବସରପ୍ରାପ୍ତ ଫରେଷ୍ଟର ତାପସ ଚକ୍ରବର୍ତ୍ତୀ, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଅର୍ପିତା ପଟ୍ଟନାୟକ, ସୁନୀଲ କୁମାର ପ୍ରଧାନ, ଆଲୋକ ମହାନ୍ତି, ଲୁଲୁ ପଟ୍ଟନାୟକଙ୍କ ସମେତ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

ଉଲ୍ଲେଖଯୋଗ୍ୟ, ଶିମିଳିପାଳ ବନ୍ୟଜନ୍ତୁଙ୍କ ଶତ୍ରୁ ସାଜିଥିବା ଶିକାରୀ ଓ କାଠଚୋରଙ୍କୁ ଧରିବା ଏବଂ ମହାବଳ ବାଘ ଭଳି ହିଂସ୍ର ଜନ୍ତୁଙ୍କୁ କାବୁ କରିବା ପାଇଁ ଜଙ୍ଗଲ ବିଭାଗ ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ କର୍ଣ୍ଣାଟକ ରାଜ୍ୟ ମହୀସୁରରୁ ତାଲିମପ୍ରାପ୍ତ ଦନ୍ତାହାତୀ ମହିନ୍ଦ୍ରା, ମାଇହାତୀ ଶୋଭା ଓ ଭବାନୀକୁ ଶିମିଳିପାଳ ଅଣାଯାଇଥିଲା। ଶୋଭା ଔରସରୁ ଲକ୍ଷ୍ମୀ ଏବଂ ଭବାନୀ ଔରସରୁ ରାଜକୁମାର ଓ ଶିବାନୀ ଜନ୍ମ ଗ୍ରହଣ କରିଥିଲେ। ମହିନ୍ଦ୍ରା ଖୁବ ଅଳ୍ପ ଦିନ ମଧ୍ୟରେ ଶିମିଳିପାଳ ସୁରକ୍ଷାରେ ସୈନିକ ଭାବେ କାର୍ଯ୍ୟ କରିଥିଲା। ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳକୁ ଯାଇ କର୍ତ୍ତବ୍ୟ ସମ୍ପାଦନ କରିବାରେ ମାହିର ଥିଲା। କେବଳ ସେତିକି ନୁହେଁ ରାଜ୍ୟର କୌଣସି ସ୍ଥାନରେ ବଣୁଆ ହାତୀଙ୍କ ଉପଦ୍ରବ ହେଲେ ମହିନ୍ଦ୍ରାର ସହାୟତା ନିଆଯାଉଥିଲା। ମୃତ୍ୟୁ ପର୍ଯ୍ୟନ୍ତ ଶିମିଳିପାଳ ପାଇଁ ଜଣେ ବୀର ପୁଅ ଭାବେ କାର୍ଯ୍ୟ କରିଥିବାରୁ ମହିନ୍ଦ୍ରା ଚୀରକାଳ ପର୍ଯ୍ୟନ୍ତ ଅମର ହୋଇ ରହିବ ବୋଲି ଉପସ୍ଥିତ ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଥିଲେ।

## ସାଂସ୍କୃତିକ ମହୋତ୍ସବ ପାଇଁ ବୈଠକ

ବାରିପଦା, ୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ରୋଟାରୀ କ୍ଲବ ପରିସରରେ ବୁଧବାର ଅପରାହ୍ଣ ୩ଟାରେ ଓଡ଼ିଶା ଝୁମର ଏକାଡେମୀ ଆନୁକୂଲ୍ୟରେ ଝୁମର ସମ୍ପର୍କିତ ଜାତୀୟ ସେମିନାର ଓ ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସମ୍ପାଦକ ଆଇନଜୀବୀ ବସନ୍ତ କୁମାର ମହାନ୍ତିଙ୍କ ଆବାହକତ୍ୱ ତଥା ସଭାପତି ଆଇନଜୀବୀ ଅବନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଜାତୀୟ ପ୍ରତ୍ନତତ୍ତ୍ୱ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର ଡ.କିଶୋର ବସା ଯୋଗ ଦେଇଥିଲେ। ଆଗାମୀ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆସାମ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟରୁ ଝୁମରପ୍ରେମୀ ଓ ଝୁମର ବିଶାରଦ ଯୋଗ ଦେବେ। ଝୁମର ଲେଖକ, କଳାକାର, ବାଦ୍ୟକାର, ଗୀତିକାରମାନଙ୍କ ସମାଗମ ସହ ଝୁମର ସମ୍ପର୍କିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପ ସଭାପତି ରାକେଶ ସିଂ, ଯୁଗ୍ମ ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଝୁମର ଲେଖକ ସର୍ବଶ୍ରୀ କୃପାସିନ୍ଧୁ ମହାନ୍ତ, ଗୁରୁଚରଣ ମହାନ୍ତଙ୍କ ସମେତ ମହାଦେବ ଦାସ, ସାମାଜିକ କର୍ମୀ ଗଦାଧର ବେହେରା, ଆଇନଜୀବୀ ସୁରେନ୍ଦ୍ର ସିଂ ଓ ଝୁମର ଗବେଷକ ପ୍ରାଧ୍ୟାପକ ଗୋପବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ଝୁମର ଏକାଡେମୀର ସଦସ୍ୟମାନେ।

## ବାଲମାଠାରେ ନିର୍ମାଣ ହେବ ବ୍ୟାରେଜ୍


ଅଧିକାରୀମାନେ ସର୍ଭେ କରୁଛନ୍ତି।

ଉଦଳା, ୨୯।୧ (ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ କୁଣ୍ଡାବାଇ ପଞ୍ଚାୟତ ଦେଓ ନଦୀ ଉପରେ ଥିବା ବାଲମାଠାରେ ପୋଲ ଏବଂ ବ୍ୟାରେଜ ନିର୍ମାଣ ହେବ। ଏନେଇ ବୁଧବାର ସର୍ଭେ ଆରମ୍ଭ ହୋଇଛି। ଏହି ବ୍ୟାରେଜ ନିର୍ମାଣ ଲାଗି ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ। ଉଦଳା ବିଧାୟକ ଭାସ୍କର ମଢେଇଙ୍କ ଉଦ୍ୟମରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବ୍ୟାରେଜ ହେବା ପରେ ସ୍ଥାନୀୟ ଚାଷୀଙ୍କ ସମେତ ଅଞ୍ଚଳବାସୀ ଉପକୃତ ହେବେ। ପ୍ରାୟ ୫୦୦ ହେକ୍ଟର ଜମିରେ ପାଣି ମାଡ଼ିବା ସହିତ ଚାଷୀମାନେ ଲାଭବାନ ହେବେ। ଏହାବ୍ୟତୀତ ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡର ବିକାଶ ହେବ ବୋଲି କୁହାଯାଉଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ୩୫ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଗୋପବନ୍ଧୁ ନଗର, ୨୯।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଖୁଣ୍ଟା ବ୍ଲକ କରକଟିଆ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରତ୍ନାକର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ନଗର ବ୍ଲକ ଶିକ୍ଷା ଅଧିକାରୀ ଡକ୍ଟର ଅଭିମନ୍ୟୁ ସେଠୀ, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ଭୋଳାନାଥ ଜେନା, ସନ୍ତୋଷ ମହାନ୍ତ, ଗଣେଶ୍ୱର ସାହୁ, ଶରତ ଚନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ। ଦୁଇ ବ୍ଲକରୁ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ୩୫ ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ଶ୍ରୀରାମଚନ୍ଦ୍ର ପାଠାଗାରର ହେବ ପୁନରୁଦ୍ଧାର

ବାରିପଦା, ୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଐତିହ୍ୟ ସମ୍ପନ୍ନ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ପରିଦର୍ଶନ କରିଛନ୍ତି ଜାତୀୟ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ କିଶୋର କୁମାର ବସାଙ୍କ ସହିତ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ। ମଙ୍ଗଳବାର ଅପରାହ୍ଣ ୩ଟାରେ ଆଇଟିଆଇ ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କ ସହିତ ବିଶେଷଜ୍ଞ ଦଳ ପାଠାଗାରକୁ ବୁଲି ସମୀକ୍ଷା କରିଛନ୍ତି। ସରକାରୀ ତଥା ବେସରକାରୀ ସ୍ତରରେ ପାଣ୍ଠି ସଂଗ୍ରହ କରାଯାଇ ଲାଇବ୍ରେରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଖଡ଼ଗପୁର ଆଇଟିଆଇର ପାଠାଗାର ବିଭାଗରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଏହାକୁ ଏକ ମଡେଲ ଲାଇବ୍ରେରୀ ଭାବେ ପୁନଃ ସ୍ଥାପନା କରି ସହରର ଏକ ମୁଖ୍ୟ ଆକର୍ଷଣ ଭାବେ ଗଠନ କରାଯିବ ବୋଲି ପ୍ରକାଶ କରିଛନ୍ତି।


ସମୀକ୍ଷା ବୈଠକରେ ଉପସ୍ଥିତ ବିଶେଷଜ୍ଞ ଟିମ୍‌ର ସଦସ୍ୟମାନେ।

ରକ୍ଷଣା ବେକ୍ଷଣ ଅଭାବରୁ ଡିସେମ୍ବର ୧୬ରେ ୨୦୨୪ରେ ରାଜ୍ୟର ସର୍ବ ପୁରାତନ ଏହି ପାଠାଗାରର ଉପର ପାର୍ଶ୍ୱର ଏକ ଅଂଶ ଖସି ପଡ଼ିଛି। ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପାଠାଗାର ପୁନରୁଦ୍ଧାର ନିମନ୍ତେ ଅର୍ଥ ବରାଦ ହୋଇଥିଲେ ମଧ୍ୟ ବିଭାଗୀୟ ଅବହେଳା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଓଡ଼ିଶାର ପୁରାତନ ଗ୍ରନ୍ଥାଳୟ ମଧ୍ୟରେ ଶ୍ରୀରାମଚନ୍ଦ୍ର ପାଠାଗାର ବା ଜୁବୁଲି ଲାଇବ୍ରେରୀ ଅନ୍ୟତମ। ସହରର ମଧ୍ୟ ଭାଗରେ ଅବସ୍ଥିତ ଏହି ପାଠାଗାରରେ ଦୁର୍ଲଭ ପୁସ୍ତକ ଗଚ୍ଛିତ ହୋଇରହିଛି। ଏହି ଗ୍ରନ୍ଥାଗାରଟି ପ୍ରାଚୀନ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିଲା। ଯାହା କି ଜିଲା ଐତିହ୍ୟର ଏକ ନିଦର୍ଶନ। ତତ୍କାଳୀନ ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଶିକ୍ଷାର ପ୍ରସାର ତଥା ଜ୍ଞାନର ବିକାଶ ନିମନ୍ତେ ଏହାକୁ ନିର୍ମାଣ କରାଇଥିଲେ। ଲୋକଙ୍କର ପୁସ୍ତକାଗାର ଓ ପାଠାଗାର ଅଭାବକୁ ଦୃଷ୍ଟିରେ ରଖି ୧୮୯୮ରେ ଏହି ପାଠାଗାରକୁ ପ୍ରତିଷ୍ଠା କରିଥିଲେ। ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଉପଲକ୍ଷେ ଏହା ଉତ୍ସର୍ଗୀକୃତ ହୋଇଥିବାରୁ ଏହାର ନାମ ଭିକ୍ଟୋରିଆ ମେମୋରିଆଲ ଇନଷ୍ଟିଚ୍ୟୁଟ ବା ଜୁବୁଲି ଲାଇବ୍ରେରୀ ଭାବେ ନାମିତ ହୋଇଥିଲା। ବର୍ତ୍ତମାନ ଏହା ଶ୍ରୀରାଚନ୍ଦ୍ର ପାଠାଗାର ଭାବେ ପରିଚିତ। ପାଠାଗାରଟି ଏକ କମିଟି ମାଧ୍ୟମରେ ପରିଚାଳିତ ହୋଇଆସୁଛି। ତେବେ ପାଠାଗାରର ପୁନରୁଦ୍ଧାର ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ୧ କୋଟି ୩୪ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ତେବେ ଐତିହ୍ୟ ସମ୍ପନ୍ନ ଏହି ପାଠାଗାର ଭୁଶୁଡ଼ିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଆଲୋଚନା ଜୋର ଧରିଛି।

